## *ପ୍ରଥମ ପର୍ଯ୍ୟାୟ* (1st Semester)

**ପ୍ରଥମ ପତ୍ର (Core Course-1):**

୧) ଉକ୍ତ ପତ୍ରଟି ଓଡ଼ିଆ ସାହିତ୍ୟର ପ୍ରାଚୀନତା ସମ୍ପର୍କରେ ସୂଚନା ଦିଏ ।

୨) ଏହାକୁ ପାଠକରି ଛାତ୍ରଛାତ୍ରୀମାନେ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ସମ୍ପର୍କରେ ଜ୍ଞାନ ହାସଲ କରିଥାନ୍ତି ।

୩) ଏହା ଓଡ଼ିଆ ସାହିତ୍ୟର ଆଦିଯୁଗ ବା ସାରଳାଯୁଗ ଓ ତତ୍‌ପରବର୍ତ୍ତୀ ଯୁଗ ବା ପଞ୍ଚସଖା ଯୁଗ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ଧ୍ୟାନ ଆକର୍ଷଣ କରିଥାଏ ।

୪) ଭାଷାତାତ୍ତ୍ୱିକ ଓ ଐତିହାସିକ ଦୃଷ୍ଟିକୋଣରୁ ଉକ୍ତ ପତ୍ରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

**ଦ୍ୱିତୀୟ ପତ୍ର (Core Course-2):**

୧) ଏହି ପତ୍ରଟି ଓଡ଼ିଆ ସାହିତ୍ୟର ମଧ୍ୟଯୁଗ ଉପରେ ସମ୍ପୂର୍ଣ୍ଣ ପର୍ଯ୍ୟବେକ୍ଷିତ ହୋଇଛି

୨) ଏହାକୁ ପାଠ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ତତ୍‌କାଳୀନ ଦରବାରୀ ସାହିତ୍ୟ ରାଜ ପୃଷ୍ଠପୋଷକତାରେ କିପରି ରୂପଗ୍ରହଣ କରିଥିଲା ସେ ସମ୍ପର୍କରେ ଅବଗତହୋଇଥାନ୍ତି ।

୩) ଏହି ପତ୍ରଟି ସୁବର୍ଣ୍ଣଯୁଗୀୟ ଓଡ଼ିଆ ସାହିତ୍ୟ କିପରି ବିଭିନ୍ନ କାବ୍ୟ ରଚନା କୌଶଳକୁ ଧାରଣ କରି ସଂସ୍କୃତ ସମକକ୍ଷ ଏକ ଉଚ୍ଚାଙ୍ଗ ସାହିତ୍ୟରେ ପରିଣତ ହୋଇଥିଲା ସେ ସମ୍ପର୍କରେ ଜ୍ଞାନ ପ୍ରଦାନ କରିଥାଏ ।

୪) ସାହିତ୍ୟ ଯେ ଏକାଧାରାରେ ଜ୍ଞାନ ଆହରଣ ଓ ଚିତ୍ତବିନୋଦନର ଗୋଟିଏ ଉପାୟ ତାହା ଉକ୍ତ ପାଠ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଜଣାଇ ଦିଏ ।

## *ଦ୍ୱିତୀୟ ପର୍ଯ୍ୟାୟ* (2nd Semester)

**ତୃତୀୟ ପତ୍ର (Core Course-3):**

୧) ଉକ୍ତ ପତ୍ରରେ ଆଧୁନିକ ଓଡ଼ିଆ ସାହିତ୍ୟର ଉତ୍ପତ୍ତି ଓ କ୍ରମବିକଶିତ ଧାରା ଆଲୋଚିତ ହୋଇଛି ।

୨) ବିଭିନ୍ନ ଜାତୀୟ ଆନ୍ଦୋଳନ ଓଡ଼ିଆ ସାହିତ୍ୟର ଧାରାକୁ କିପରି ପ୍ରଭାବିତ କରିଥିଲା ସେ ସମ୍ପର୍କରେ ଉକ୍ତ ପାଠ୍ୟଟି ସୂଚନା ଦିଏ ।

୩) ଓଡ଼ିଆ ଭାଷା ଓ ସାହିତ୍ୟର ଦୁର୍ଦ୍ଦିନ ସମୟରେ ଆଧୁନିକ ଯୁଗର ଓଡ଼ିଆ ସାଧକମାନେ କିପରି ପ୍ରଗତିର ମଙ୍ଗ ଧରି ଏହାକୁ ସୁରକ୍ଷା ପ୍ରଦାନ କରିଥିଲେ, ତାହା ଉପରେ ଉକ୍ତ ପତ୍ରରେ ଆଲୋକପାତ କରାଯାଇଛି ।

**ଚତୁର୍ଥପତ୍ର (Core Course-4):**

୧) ଉକ୍ତ ପତ୍ରଟି ପାଠକଲେ ଛାତ୍ରଛାତ୍ରୀମାନେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ବିଷୟରେ ଜ୍ଞାନଲାଭ କରିଥାନ୍ତି ।

୨) ସ୍ୱାଧୀନତା ପରେ ବିଭିନ୍ନ କାରଣରୁ ସାହିତ୍ୟ ବ୍ୟକ୍ତିକୈନ୍ଦ୍ରିକ ହୋଇପଡିଥିବା କଥା ଏହି ପତ୍ରକୁ ପାଠ କଲେ ଜଣାଯାଏ ।

୩) ସାହିତ୍ୟର ନୂଆ ନୂଆ ବିଭାଗ ସମ୍ପର୍କରେ ମଧ୍ୟ ପାଠକମାନେ ଅବଗତ ହୋଇଥାନ୍ତି ।

## *ତୃତୀୟ ପର୍ଯ୍ୟାୟ* (3rd Semester)

**ପଞ୍ଚମ ପତ୍ର (Core Course-5):**

୧) ଏହି ପତ୍ରଟି ଓଡ଼ିଆ ଭାଷାର ଉଦ୍ଭବ ଓ ବିକାଶକ୍ରମ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥାଏ ।

୨) ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନ ତଥା ପ୍ରାଚୀନତାକୁ ଆବିଷ୍କାର କରିବା ଉକ୍ତ ପାଠ୍ୟର ମୂଳ ଉଦ୍ଦେଶ୍ୟ ।

୩) ପ୍ରାଚୀନ ଅଭିଲେଖୀୟ ଓଡ଼ିଆ ଭାଷା ଆସ୍ତେ ଆସ୍ତେ କିପରି ଲିଖିତ ସାହିତ୍ୟରେ ରୂପାନ୍ତରିତ ହୋଇଥିଲା ତାହା ଉକ୍ତ ପାଠ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଗଣ ଜ୍ଞାତ ହୋଇଥାନ୍ତି ।

**ଷଷ୍ଠ ପତ୍ର (Core Course-6):**

୧) ଏହି ପତ୍ରଟି ପାଠକଲେ ବିଦ୍ୟାର୍ଥୀମାନେ ଭାଷାର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ଜାଣି ପାରନ୍ତି ।

୨) ଭାଷାର ଉତ୍ପତ୍ତି ସମ୍ପର୍କରେ ମଧ୍ୟ ଧାରଣ ସୃଷ୍ଟି ହୁଏ ।

୩) ଭାଷାର ବିଭିନ୍ନ ରୂପ ଏବଂ ବିଭିନ୍ନ ଭାଷାର ପ୍ରଭାବ ଉକ୍ତ ପାଠ୍ୟର ସାରାଂଶ ।

**ସପ୍ତମ ପତ୍ର (Core Course-7):**

୧) ଏହି ପାଠ୍ୟରୁ ପିଲାମାନେ ଓଡ଼ିଆ ବର୍ଣ୍ଣମାଳା ଓ ବାକ୍ୟର ଗଠନ ରୀତି ସମ୍ପର୍କରେ ଜ୍ଞାନ ଲାଭ କରିଥାନ୍ତି ।

୨) ଓଡ଼ିଆ ବ୍ୟାକରଣର ବିଭିନ୍ନ ବିଭାଗ ଉପରେ ଛାତ୍ରଛାତ୍ରୀମାନେ ଜାଣିବାକୁ ପାଇଥାନ୍ତି ।

୩) ତତ୍ ସହିତ ଓଡ଼ିଆ ଶବ୍ଦଭଣ୍ଡାର କିପରି ସମୃଦ୍ଧି ଲାଭ କରିଛି ସେ ବିଷୟରେ ମଧ୍ୟ ଶିକ୍ଷାଦାନ କରାଯାଏ ।

## *ଚତୁର୍ଥ ପର୍ଯ୍ୟାୟ* (4th Semester)

**ଅଷ୍ଟମ ପତ୍ର (Core Course-8):**

୧) ଉକ୍ତ ପାଠ୍ୟରେ ଓଡ଼ିଶାର ଲୋକ ସଂସ୍କୃତି ଓ ସାହିତ୍ୟ ବିଷୟରେ ଜ୍ଞାନ ପ୍ରଦାନ କରାଯାଏ ।

୨) ଲୋକ ସାହିତ୍ୟର ପ୍ରଭାବ ଲୋକ ଜୀବନକୁ କିପରି ପରିପୃଷ୍ଟ କରିଛି ସେ ସମ୍ପର୍କରେ ପିଲାମାନେ ଜାଣି ପାରନ୍ତି ।

୩) ଅତ୍ୟାଧୁନିକ ଯୁଗରେ ଲୋକବିଦ୍ୟାର ପ୍ରାସଙ୍ଗିକତାକୁ ଉପଲବ୍ଧି କରାଏ ଉକ୍ତ ପାଠ୍ୟକ୍ରମ ।

**ନବମ ପତ୍ର (Core Course-9):**

୧) ଉକ୍ତ ପାଠ୍ୟକୁ ଅଧ୍ୟୟନ କରି ଛାତ୍ରାତ୍ରୀମାନେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିପାରନ୍ତି ।

୨) ଉଭୟ ସାହିତ୍ୟ ତତ୍ତ୍ୱ ବିନା ସାହିତ୍ୟ, 'ସାହିତ୍ୟ' ପଦବାଚ୍ୟ ନ ହୋଇପାରେ ଏକଥା ମଧ୍ୟ ପିଲାମାନେ ଉପଲବ୍ଧି କରନ୍ତି ।

୩) ଏହି ତତ୍ତ୍ୱ ଗୁଡିକ ସାହିତ୍ୟକୁ କାଳାତୀତ କରିବାରେ ସାହାଯ୍ୟ କରିଥାନ୍ତି, ସେ କଥା ପିଲାମାନେ ହୃଦୟଙ୍ଗମ କରିଥାନ୍ତି ।

**ଦଶମ ପତ୍ର (Core Course-10):**

୧) ଏହି ପତ୍ରରେ ଓଡ଼ିଆ ସାହିତ୍ୟ କିଛି ପ୍ରମୁଖ କବି ମାନଙ୍କର କୃତି ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଏ ।

୨) ଏହି ପାଠ୍ୟ ମାଧ୍ୟମରେ ବିଦ୍ୟାର୍ଥୀମାନେ ଓଡ଼ିଆ ସାହିତ୍ୟକୁ ସାହିତ୍ୟିକ ମାନଙ୍କର ଯେଉଁ ବଳିଷ୍ଠ ଅବଦାନ ରହିଥିଲା ସେ ବାବଦରେ ଶିକ୍ଷାଲାଭ କରନ୍ତି ।

୩) ସାହିତ୍ୟର ପ୍ରଭାବ ସମାଜ ଉପରେ କିଭଳି ପଡିଥାଏ ତାହା ଛାତ୍ରଛାତ୍ରୀମାନେ ଜାଣିବାକୁ ପାଇଥାନ୍ତି ।

## *ପଞ୍ଚମ ପର୍ଯ୍ୟାୟ* (5th Semester)

**ଏକାଦଶ ପତ୍ର (Core Course-11):**

୧) ସମାଜରେ ଘଟୁଥିବା ବିଭିନ୍ନ ବାସ୍ତବ ଘଟଣାସାହିତ୍ୟର ରୂପ ଲାଭ କରେ- ଉକ୍ତ ପତ୍ର ପଢିବା ପରେ ଏହି ଧାରଣାଟି ସୃଷ୍ଟି ହୋଇଥାଏ ।

୨) ସମାଜର ବାସ୍ତବ ପ୍ରତିଛବି ଯେ ସାହିତ୍ୟ- ଏ ଉକ୍ତିଟିର ସତ୍ୟାସତ୍ୟ ଉପଲବ୍ଧିରିହୁଏ ।

୩) ସାହିତ୍ୟିକମାନେ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସଚେତନତାର ବାର୍ତ୍ତା ପ୍ରଦାନ କରିଥାନ୍ତି । ଏହାହିଁ ଉକ୍ତ ପାଠ୍ୟରୁ ଅବବୋଧ ହୁଏ ।

**ଦ୍ୱାଦଶ ପତ୍ର (Core Course-12):**

୧) ଉକ୍ତ ପତ୍ରଟି ଓଡ଼ିଆ କଥା ସାହିତ୍ୟ ବାବଦରେ ତଥ୍ୟ ପ୍ରଦାନ କରିଥାଏ ।

୨) ଆଦିମଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ କଥାସାହିତ୍ୟର ମୋଡ କିପରି ପରିବର୍ତ୍ତିତ ହୋଇଚାଲିଛି ସେ ବିଷୟରେ ଛାତ୍ରଛାତ୍ରୀମାନେ ଜାଣିଥାନ୍ତି ।

୩) ସାହିତ୍ୟ ଯେ ଏକ ପ୍ରବହମାନ ଧାରା- ତାହା ସ୍ପଷ୍ଟ ହୁଏ ।

## *ଷଷ୍ଠ ପର୍ଯ୍ୟାୟ* (6th Semester)

**ତ୍ରୟୋଦଶ ପତ୍ର (Core Course-13):**

୧) ଯୁଗେ ଯୁଗେ ସାହିତ୍ୟ ଜାତୀୟତା ଆନୟନରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି। ଉକ୍ତ ପତ୍ରର ପାଠ୍ୟକୁ ପଢିଲେ ଛାତ୍ରଛାତ୍ରୀମାନଙ୍କ ମନରେ ଏହି ଧାରଣା ଜନ୍ମ ନିଏ ।

୨) ସାହିତ୍ୟ ତାର ଭାବ ଜଗତରେ କୌଣସି ସୀମା ସରହଦକୁ ମାନେ ନାହିଁ। ତାହା ସବୁ ଭୌଗୋଳିକ, ରାଜନୀତିକ, ଅର୍ଥନୀତିକ, କୂଟନୀତିକ ତଥା ସାମାଜିକ ବାଧା-ବନ୍ଧନର ଉର୍ଦ୍ଧ୍ୱରେ ରହି ମାନବିକତାର ପ୍ରଚାର କରେ- ଏହାହିଁ ଉକ୍ତ ପତ୍ରର ପଠିତବ୍ୟ ବିଷୟ ।

୩)	ଏହି ପତ୍ର ମାଧ୍ୟମରେ ଛାତ୍ରଛାତ୍ରୀମାନେ ଦେଶ ବିଦେଶର ସମାଜ, ସାହିତ୍ୟ, ସଂସ୍କୃତି ସମ୍ପର୍କରେ ଅବଧାରିତ ହୋଇଥାନ୍ତି ।

**ଚତୁର୍ଦ୍ଦଶ ପତ୍ର (Core Course-14):**

୧)	ଉକ୍ତ ପତ୍ରର ପାଠ୍ୟ ପିଲାମାନଙ୍କ ବ୍ୟକ୍ତିତ୍ୱର ବିକାଶରେ ସାହାଯ୍ୟ କରିଥାଏ ।

୨)	ଏଥିରେ ନିଯୁକ୍ତି ତଥା ଆଧୁନିକ ଲିଖନ କୌଶଳ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଏ ।

୩)	କାର୍ଯ୍ୟାଳୟ ଭିତ୍ତିକ ବ୍ୟବହାର ଉପଯୋଗୀ ଲିଖନ ଶୈଳୀ ବିଷୟରେ ବିଦ୍ୟାର୍ଥୀମାନେ ଜ୍ଞାନ ହାସଲ କରିଥାନ୍ତି ।

୪)	ଉକ୍ତ ପାଠ୍ୟରେ ଓଡ଼ିଆ ଭାଷାରେ କମ୍ପ୍ୟୁଟର ବ୍ୟବହାର ସମ୍ପର୍କରେ ଛାତ୍ରଛାତ୍ରୀମାନେ ଶିକ୍ଷାଲାଭ କରିଥାନ୍ତି ।

## *ଶୃଙ୍ଖଳା କୈନ୍ଦ୍ରିକ ଇଚ୍ଛାଧୀନ ପାଠ- ଓଡ଼ିଆ*
## (Discipline Specific Elective - Odia)

### *ପଞ୍ଚମ ପର୍ଯ୍ୟାୟ* (5th Semester)

**ପ୍ରଥମ ପତ୍ର (DSE-1):**

୧)	ଉକ୍ତ ପତ୍ରଟି ଓଡ଼ିଶାର ଇତିହାସ ଉପରେ ପର୍ଯ୍ୟବେକ୍ଷିତ ।

୨)	ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଓଡ଼ିଶାର ଗୌରବମୟ ଇତିହାସ ଏବଂ ତା'ଵରପୁତ୍ରମାନଙ୍କ ସମ୍ପର୍କରେ ଜାଣିପାରନ୍ତି ।

୩)	ବିଦ୍ୟାର୍ଥୀମାନେ ଓଡ଼ିଶାରେ ପ୍ରଚଳିତ ହୋଇ ଆସୁଥିବା ବିଭିନ୍ନ ଧର୍ମଧାରା ସମ୍ପର୍କରେ ଜ୍ଞାନଲାଭ କରିଥାନ୍ତି ।

୪)	ଓଡ଼ିଶାର ବିଭିନ୍ନ ସଂସ୍କୃତି ତଥା ଓଷା, ବ୍ରତ, ପର୍ବପର୍ବାଣି ସମ୍ପର୍କରେ ମଧ୍ୟ ତାଙ୍କର ଦୃଢ ଧାରଣା ଜନ୍ମ ନିଏ ।

**ଦ୍ୱିତୀୟ ପତ୍ର (DSE-2):**

୧)	ଉକ୍ତ ପତ୍ରର ପାଠ୍ୟକୁ ପାଠ କରିବା ଦ୍ୱାରା ବିଦ୍ୟାର୍ଥୀମାନେ ଓଡ଼ିଆରେ ଲିଖିତ ଶିଶୁସାହିତ୍ୟ ଏବଂ ତାହାର ସ୍ରଷ୍ଟାଙ୍କ ବିଷୟରେ ଜାଣିବାକୁ ପାଇଥାନ୍ତି ।

୨)	ବିଜ୍ଞାନ ଭିତ୍ତିକ ସାହିତ୍ୟ ସ୍ୱଳ୍ପ ହେଲେ ମଧ୍ୟ ସେହି ବିଭାଗ ପ୍ରତି ପିଲାମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥାଏ ।

୩)	ବିଜ୍ଞାନର ଜଟିଳ ରହସ୍ୟକୁ ସାହିତ୍ୟ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ନିକଟରେ ପହଞ୍ଚାଇବା ହେଉଛି ଏହି ପତ୍ରର ଉଦ୍ଦେଶ୍ୟ ।

### *ଷଷ୍ଠ ପର୍ଯ୍ୟାୟ* (6th Semester)

**ତୃତୀୟ ପତ୍ର (DSE-3):**

୧)	ଉକ୍ତ ପତ୍ରଟି ଓଡ଼ିଆ ପଦ୍ୟ ସାହିତ୍ୟ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଏ ।

୨)	ତତ୍‌ସହିତ ଓଡ଼ିଆ ଗଦ୍ୟ ସାହିତ୍ୟ ଯେ ଆଧୁନିକ ସାହିତ୍ୟିକମାନଙ୍କର ଭାବ ପ୍ରକାଶର ମୁଖ୍ୟ ଅଙ୍ଗ ଏହି ଅବଧାରଣା ମଧ୍ୟ ସୃଷ୍ଟି କରେ ।

୩)	ସାହିତ୍ୟ ଯେ ସ୍ରଷ୍ଟା ମାନସର ସୂକ୍ଷ୍ମ ଅଭିବ୍ୟକ୍ତି, ଏହି କଥାଟି କୋମଳମତି ଜିଜ୍ଞାସୁ ଶିକ୍ଷାର୍ଥୀମାନଙ୍କୁ ଉକ୍ତ ପାଠ୍ୟଟି ସୂଚେଇ ଦିଏ ।

**ଚତୁର୍ଥ ପତ୍ର (DSE-4):**

୧) ଉକ୍ତ ପାଠ୍ୟରେ ଓଡ଼ିଆ ସାହିତ୍ୟର ଅତ୍ୟାବଶ୍ୟକୀୟ ଦିଗଗୁଡିକ ପ୍ରତି ସଚେତନତା ସୃଷ୍ଟି କରାଯାଇଥାଏ ।

୨) ସମାଲୋଚନା, ଅନୁବାଦ ଓ ସମ୍ପାଦନା ପରି ସାହିତ୍ୟର ପରିବର୍ଦ୍ଧିଷ୍ଣୁ ବିଷୟ ସମ୍ପର୍କରେ ଛାତ୍ରଛାତ୍ରୀମାନେ ଅବଗତ ହୋଇଥାନ୍ତି ।

୩) ବିଦ୍ୟାର୍ଥୀମାନଙ୍କୁ ସାହିତ୍ୟିକ ଗବେଷଣାର ବିଭିନ୍ନ ଦିଗ ଉପରେ ଶିକ୍ଷାପ୍ରଦାନକରାଯାଇଥାଏ। ଯାହା ଫଳରେ ସେମାନେ ଭବିଷ୍ୟତରେ ଗବେଷଣା କାର୍ଯ୍ୟରେ ସଠିକ୍ ମନୋନିବେଶ କରିପାରନ୍ତି ।

୪) ଓଡ଼ିଆ ସାହିତ୍ୟର ବିଭିନ୍ନ ସମସ୍ୟା ଏବଂ ତା'ର ସମାଧାନ ସମ୍ପର୍କରେ ଉକ୍ତ ପାଠ୍ୟକ୍ରମରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଯାଇଥାଏ । ଫଳରେ ସେମାନେ ସତର୍କତାର ସହିତ ଉଚିତ କାର୍ଯ୍ୟ କରି ସଫଳତା ପ୍ରାପ୍ତ ହୋଇଥାନ୍ତି ।

୫) କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ସେମାନେ ଏକ ସଂକ୍ଷିପ୍ତ ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତ କରିଥାନ୍ତି ।

## *ଅନ୍ତର୍ବିଷୟ ଇଚ୍ଛାଧୀନ ପାଠ - ଓଡ଼ିଆ*
## (Generic Elective - Odia)

### *ପ୍ରଥମ ଓ ତୃତୀୟ ପର୍ଯ୍ୟାୟ*
### (1st & 3rd Semester)

**ପ୍ରଥମ ପତ୍ର (GE-1):**

୧) ଉକ୍ତ ପତ୍ରରେ ବିଭିନ୍ନ ଗଣମାଧ୍ୟମ ସମ୍ପର୍କରେ ପିଲାମାନେ ଜାଣିପାରନ୍ତି ।

୨) ବିଭିନ୍ନ କାର୍ଯ୍ୟ ବା ଉଦ୍ଦେଶ୍ୟରେ ବିଭିନ୍ନ ଗଣମାଧ୍ୟମରେ କିପରି ବିଜ୍ଞାପନ ଦିଆଯାଏ ସେ ବିଷୟରେ ଛାତ୍ରଛାତ୍ରୀମାନେ ଜ୍ଞାନ ହାସଲ କରିଥାନ୍ତି । ଯାହା ତାଙ୍କୁ ଭବିଷ୍ୟତରେ ବହୁ କ୍ଷେତ୍ରରେ ସାହାଯ୍ୟ କରିଥାଏ ।

୩) ଛାତ୍ରଛାତ୍ରୀମାନେ ବିଭିନ୍ନ କାର୍ଯ୍ୟାଳୟ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ମାନନ୍‌ଗ୍‌କରେ କାର୍ଯ୍ୟ କରିବାର ଦକ୍ଷତା ହାସଲ କରନ୍ତି ।

୪) ଛାତ୍ରଛାତ୍ରୀମାନଙ୍କରବୃତ୍ତିଗତ କାର୍ଯ୍ୟ ପାଇଁ ଏହା ବହୁମାତ୍ରାରେ ସହାୟକ ହୋଇଥାଏ ।

### ଦ୍ୱିତୀୟ ଓ ଚତୁର୍ଥ ପର୍ଯ୍ୟାୟ
### (2nd & 4th Semester)

**ଦ୍ୱିତୀୟ ପତ୍ର (GE-2) :**

୧) ଏହି ପତ୍ରଟି ଛାତ୍ରଛାତ୍ରୀମାନଙ୍କୁ ସାହିତ୍ୟମନସ୍କ କରିଥାଏ ।

୨) ସେମାନେ ବିଭିନ୍ନ କୃତବିଦ୍ୟ ସାହିତ୍ୟିକମାନଙ୍କର କୃତିକୁ ଅଧ୍ୟୟନ କରିବା ଫଳରେ ସେମାନଙ୍କ ମନରେ ସହୃଦୟତା, ଦୟା, କ୍ଷମା, ପରୋପକାର ଇତ୍ୟାଦି ମାନବିକ ଗୁଣର ପରିପ୍ରକାଶ ହୁଏ ।

୩) ଏହି ପାଠ୍ୟ ମାଧ୍ୟମରେ ସେମାନେ ଜଣେ ଜଣେ ସୁନାଗରିକରେ ପରିଣତ ହୋଇ ନୀତିନିଷ୍ଠ ଜୀବନ ଯାପନ କରିବାରେ ସଫଳ ହୋଇଥାନ୍ତି ।

# ଦକ୍ଷତାବର୍ଦ୍ଧକ ବାଧ୍ୟତାମୂଳକ ପାଠ୍ୟକ୍ରମ
## Ability Enhancement Compulsory Course

### (ଯୋଗାଯୋଗମୂଳକ ମାତୃଭାଷା ଓଡ଼ିଆ)
### (Communicative Language-Odia)

୧) ଉକ୍ତ ପତ୍ରଟିକୁ ପାଠ କରିବା ଫଳରେ ଛାତ୍ରଛାତ୍ରୀମାନଙ୍କର ଓଡ଼ିଆ ଭାଷାରେ ଯୋଗାଯୋଗ କରିବାର ଦକ୍ଷତା ବୃଦ୍ଧି ପାଇଥାଏ ।

୨) ସେମାନେ ବୃତ୍ତିଗତ କ୍ଷେତ୍ରରେ ସଫଳତା ଲାଭ କରିଥାନ୍ତି ।

୩) ଉଭୟ କଥିତ ଓ ଲିଖିତ ଭାଷାରେ ନିଜର ପାରଦର୍ଶିତା ପ୍ରତିପାଦନ କରିପାରିଥାନ୍ତି ।

୪) ବିଦ୍ୟାର୍ଥୀମାନଙ୍କର ଭାଷାଗତ ଓ ଉଚ୍ଚାରଣଗତ ତୃଟିରେ ସୁଧାର ଆସିଥାଏ ।

୫) ଉକ୍ତ ପତ୍ରଟି ପାଠ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜ ମାତୃଭାଷା ସାହାଯ୍ୟରେ ଅନ୍ୟାନ୍ୟ ଭାଷାରେ ମଧ୍ୟ ପାରଙ୍ଗମ ହୋଇପାରିଥାନ୍ତି ।

## COURSE OUTCOME
## ପାଠ୍ୟକ୍ରମ ଅନୁଭାବ

ଓଡ଼ିଆ ସମ୍ମାନ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ଉକ୍ତ ପାଠ୍ୟକ୍ରମ ଏକ ଉଚ୍ଚକୋଟିର ତଥା ପୂର୍ଣ୍ଣାଙ୍ଗ ପାଠ୍ୟକ୍ରମ । ଏହାକୁ ଅଧ୍ୟୟନ କଲେ ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଜ୍ଞାନ ହାସଲ କରିଥାନ୍ତି । ଏଥିରେ ଓଡ଼ିଆ ଭାଷା ଓ ସାହିତ୍ୟର ଉତ୍ପତ୍ତି ଓ କ୍ରମବିକଶିତ ଧାରା ସ୍ଥାନ ପାଇ ଥିବାରୁ ପିଲାମାନେ ବିଶ୍ୱସାହିତ୍ୟ ତଥା ଭାରତୀୟ ସାହିତ୍ୟ ପଟ୍ଟଭୂମିରେ ଓଡ଼ିଆ ସାହିତ୍ୟର ଆକଳନ ସହଜରେ କରିପାରିଥାନ୍ତି, ଯାହା ନିଜ ମାତୃଭୂମି ଓ ମାତୃଭାଷା ପ୍ରତି ଅଙ୍ଗୀକାରବଦ୍ଧତାକୁ ବହୁଗୁଣିତ କରିଥାଏ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବଳିଷ୍ଠ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି ତାହା ମଧ୍ୟ ବିଦ୍ୟାର୍ଥୀମାନେ ଉପଲବ୍ଧି କରନ୍ତି । ଓଡ଼ିଆ ସାହିତ୍ୟ ଯେ ଭାରତୀୟମାନଙ୍କ ମନରେ ଜାତୀୟତାବୋଧ ଉଦ୍ରେକର ଏକ ପ୍ରମୁଖ ଅଙ୍ଗ ପାଲଟିଥିଲା ତାହା ମଧ୍ୟ ଅନୁମାନ କରିହୁଏ । ଅନ୍ୟପକ୍ଷରେ ଉନ୍ନତ ଭାଷାତାତ୍ତ୍ୱିକ ତଥା ସାହିତ୍ୟିକ ଆବେଦନ ଏବଂ ସୁଦୀର୍ଘ ଇତିହାସ ଯୋଗୁଁ ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟଭାଷାର ମାନ୍ୟତା ଲାଭ କରିଛି । ଏହା ସାହାଯ୍ୟରେ ଛାତ୍ରଛାତ୍ରୀମାନେ ଯେ କେବଳ ନିଜର ଭାଷାଗତ, ଲିପିଗତ ଓ ଭାବଗତ ଜ୍ଞାନର ପରିମାର୍ଜନା କରିପାରୁଛନ୍ତି ତାହା ନୁହେଁ; ଆହୁରି ମଧ୍ୟ ନିଜ ଭିତରେ ମାନବିକ ମୂଲ୍ୟବୋଧର ଚିନ୍ତାଚେତନାକୁ ପରିବ୍ୟାପ୍ତ କରି ଏକ ସୁସ୍ଥ-ସୁନ୍ଦର ସମାଜ ଗଠନରେ ଭାଗିଦାରୀ ହୋଇପାରୁଛନ୍ତି ।

**ଉକ୍ତ ପାଠ୍ୟକ୍ରମଟି ଯୁଗପୋଯୋଗୀ ହୋଇ ବୃତ୍ତିଗତ ସମସ୍ୟା ସମାଧାନରେ ଶିକ୍ଷାର୍ଥୀମାନଙ୍କୁ ସହାୟକ ହେଉଥିବାରୁ ଏହା ବିଶେଷ ଆଦୃତି ଲାଭ କରିଛି । ବ୍ୟକ୍ତିତ୍ୱର ବିକାଶ ତଥା ସମାଜମଙ୍ଗଳ ଉଦ୍ଦେଶ୍ୟରେ ପ୍ରସ୍ତୁତ ପାଠ୍ୟକ୍ରମଟି ସମୟୋପଯୋଗୀ ହୋଇପାରିଛି ।**